## ସରକାରୀ ଓକିଲ ସ୍ତରରେ ଅଦଳବଦଳ

**ବ୍ରହ୍ମପୁର ଅଫିସ:** ଜିଲା ଜଜ୍ କୋର୍ଟରେ ଥିବା ସରକାରୀ ଓକିଲସ୍ତରରେ ଅଦଳବଦଳ ହୋଇଛି। ମନୋଜ ପାଢ଼ୀଙ୍କୁ ଯୌତୁକ ନିର୍ଯାତନା ସହ ମହିଳା ସମ୍ପର୍କିତ କୋର୍ଟକୁ ଏପିପି ଭାବେ ବଦଳି କରାଯାଇଥିବା ବେଳେ ଜେଏମ୍ଏଫସି ଅନୁଷ୍କା ଦାସଙ୍କ କୋର୍ଟରେ ଏପିପି ଭାବେ ସୁଦର୍ଶନ ମହାଙ୍କୁଡଙ୍କ ବଦଳି ହୋଇଛି। ସେହିପରି ପରିବହନ ମାଜିଷ୍ଟ୍ରେଟ ଦୀପ୍ତି ରଞ୍ଜନ ଦାଶଙ୍କ କୋର୍ଟରେ ଏପିପି ଭାବେ ପି.ସୁବାସ ପାତ୍ର ଓ ଏସ୍ଡ଼ିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀଙ୍କ କୋର୍ଟରେ କ୍ୟାଡର ଏପିପି ଭାବେ ମାଳତୀ ପାଳଙ୍କୁ ନିଯୁକ୍ତ କରାଯାଇଛି। ଜିଲାପାଳଙ୍କ ସହମତି କ୍ରମେ କ୍ୟାଡର ପିପି ତ୍ରିଲୋଚନ ପରିଡା ନିଯୁକ୍ତି ଦେଇଥିବା ପିପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବିମାନ ବନ୍ଦର ସ୍ଥାପନ ଦାବି ନେଇ ପୋଷ୍ଟକାର୍ଡ଼ ଦସ୍ତଖତ ଅଭିଯାନ। ସ୍ଥାନ: ଆଙ୍କୁଲି ହାଇସ୍କୁଲ। ସମୟ: ସକାଳ ୮ ଟା।
- ଭାରତୀୟ ବିକାଶ ପରିଷଦର ଆର୍ଡ଼ିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ। ସ୍ଥାନ: ଟାଟା ବେଞ୍ଚ ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

**ଭଞ୍ଜନଗର**
- ପାଠଚକ୍ର। ସ୍ଥାନ: ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭଞ୍ଜନଗର ସମୟ: ଅପରାହ୍ନ ୪ଟା।
- ନୂତନ ଅଧକ୍ଷଙ୍କୁ ସ୍ୱାଗତ ସଭା। କେଏସ୍ୟୁବି କଲେଜ, ଭଞ୍ଜନଗର ସମୟ: ପୂର୍ବାହ୍ନ ସାଢେ ୧୧ଟା ।

**ଦିଗପହଣ୍ଡି**
- ୩ୟ ଓ ୫ମ ଶ୍ରେଣୀର ମେଧାବୃତ୍ତି ମୂଲ୍ୟାୟନ। ସ୍ଥାନ: ବଡ଼ଖେମୁଣ୍ଡି ଉଚ୍ଚ ବିଦ୍ୟାଳୟ। ସମୟ: ପୂର୍ବାହ୍ନ ୧୦ଟା
- ରଣମେଳା। ସ୍ଥାନ: ମଧୁବିଦ୍ୟାପୀଠ ସମୟ: ପୂର୍ବାହ୍ନ ୧୧ଟା।
- ରୁରାଲ ପାର୍କ ନିର୍ମାଣ ଅଗ୍ରଗତି ସମୀକ୍ଷା। ସ୍ଥାନ: ଖମାରିଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

# ଶତାୟୁ ଚାଚା ନେହେରୁ ବିଦ୍ୟାଳୟ

## ୧୧୫ ବର୍ଷର ଶିକ୍ଷାନୁଷ୍ଠାନ


ଚାଚା ନେହେରୁ ସ୍କୁଲ।

**ବ୍ରହ୍ମପୁର ଅଫିସ,୩।୨**

ବ୍ରହ୍ମପୁର ରାଜ୍ୟର ଏକ ପ୍ରମୁଖ ମହାନଗର। ଅତୀତରେ ଏହି ପୁରାତନ ସହର ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା। ୧୮୬୭ରେ ବ୍ରହ୍ମପୁର ପୌର ପରିଷଦ ଗଠନ ହୋଇଥିଲା। ସହରାଞ୍ଚଳରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ବହୁ ଶିକ୍ଷାନୁଷ୍ଠାନ ପୌରପାଳିକା ପକ୍ଷରୁ ପ୍ରତିଷ୍ଠା କରାଯାଇଥିଲା। ସେହି କ୍ରମରେ ୧୯୦୬ରେ ସହରର କେନ୍ଦ୍ରସ୍ଥଳ ଫାୟାର ଷ୍ଟେଶନ ରୋଡ଼ରେ ପ୍ରତିଷ୍ଠା କରାଯାଇଥିଲା ଚାଚା ନେହେରୁ ପ୍ରାଥମିକ ବିଦ୍ୟାଳୟ। ପରବର୍ତ୍ତୀ ସମୟରେ ଏହା ଉଚ୍ଚ ପ୍ରାଥମିକ ଏବଂ ମଧ୍ୟଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇଛି। ୧୧୫ ବର୍ଷର ଏହି ଶିକ୍ଷାନୁଷ୍ଠାନ ଶିକ୍ଷାଦାନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। ଏହି ବିଦ୍ୟାଳୟର ଦୁଇ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଜେନା ଓ ବିନୋଦ ବିହାରୀ ବିଶୋୟୀ ରାଷ୍ଟ୍ରପତି ପୁରସ୍କାର ପାଇ ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଏହି ବିଦ୍ୟାଳୟର କେତେକ ପୂର୍ବତନ ଛାତ୍ର ରାଜନୀତିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଆନ୍ତର୍ଜାତିକ କ୍ରୀଡ଼ାବିତ କେ.ରବି କୁମାର ଓ ଇଞ୍ଜିନିୟର ମହେଶ୍ୱର ପାଢ଼ୀ ପ୍ରମୁଖ ଅଛନ୍ତି।

ବର୍ତ୍ତମାନ ଦୀର୍ଘ ବର୍ଷ ହେଲା ବିଦ୍ୟାଳୟଟି ସରକାରୀ ସ୍କୁଲରେ ପରିଣତ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ୨୨୮ ଛାତ୍ରୀଛାତ୍ରଙ୍କ ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ମୋଟ ୮ ଶିକ୍ଷକ ଅଛନ୍ତି। ସେହିପରି ୩ ଜଣ ପାଚିକା ରହିଛନ୍ତି। ବର୍ତ୍ତମାନ ପ୍ରତିଭା କୁମାରୀ ସାମନ୍ତରାୟ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ବିଦ୍ୟାଳୟରେ ପୁଷ୍ଟିକର ଉଦ୍ୟାନ ବ୍ୟବସ୍ଥା ରହିଛି। ଚଳିତ ୨୦୨୦-୨୧ ଶିକ୍ଷାବର୍ଷରେ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଚର୍ଚ୍ଚରୋଡ଼ ପ୍ରାଥମିକ ବିଦ୍ୟାଳୟ ୨୦୨୦ ନଭେମ୍ବର ୧୬ରେ ବିଦ୍ୟାଳୟ ମିଶ୍ରଣରେ ଏଥିରେ ସାମିଲ ହୋଇଛି। ଉନ୍ନତ ମାନର ଶିକ୍ଷାଦାନ କ୍ଷେତ୍ରରେ ଦୀର୍ଘ ୧୧୫ ବର୍ଷରେ ପଦାର୍ପଣ କରିଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ସମୟରେ କମ୍ପ୍ୟୁଟର ଶିକ୍ଷାଦାନ ବ୍ୟବସ୍ଥା ହୋଇଛି। ପିଲାଙ୍କ ନିମନ୍ତେ ଗୋଟିଏ ନୂତନ ଶ୍ରେଣୀଗୃହ ତିଆରି କାମ ସରିଥିବା ବେଳେ ଶେଷଥର ନିମନ୍ତେ ଅଗଷ୍ଟ ୨୦୦୭ ରେ ଗୋଟିଏ ନୂତନ କୋଠା ନିର୍ମାଣ କରାଯାଇଥିଲା, ଯାହା ଅଷ୍ଟମ ଓ ସପ୍ତମ ଶ୍ରେଣୀ ଗୃହଭାବେ ବ୍ୟବହୃତ ହେଉଛି। ପିଲାଙ୍କ ବ୍ୟବହାର ନିମନ୍ତେ ୨ଟି ନଳକୂପ ରହିଛି। ସେହିପରି କେତେକ ବଦାନ୍ୟ ବ୍ୟକ୍ତି ତଥା ସରକାରୀ ଅନୁଦାନରୁ ପାଠାଗାର ରହିଛି। ସେଥିରେ ୧୦୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଶିକ୍ଷଣୀୟ ପୁସ୍ତକ ରହିଛି। ଆନ୍ତଃ କ୍ରୀଡ଼ା ନିମନ୍ତେ ବିଦ୍ୟାର୍ଥୀଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ରହିଛି। କିନ୍ତୁ ଦୀର୍ଘ ୧୦୦ ବର୍ଷରୁ ଅଧିକ ପୁରାତନ ଏହି ବିଦ୍ୟାଳୟରେ ୨୦୦୫ ରୁ ଜଣେ ମଧ୍ୟ ପିଅନ ନ ଥିବା ହେତୁ ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ବହୁ ଅସୁବିଧା ହେଉଛି। ମୁଖ୍ୟତଃ ଶୌଚାଳୟ ସଫା ଲାଗି କର୍ତ୍ତୃପକ୍ଷଙ୍କୁ ହଇରାଣ ହେବାକୁ ପଡୁଛି। ବର୍ତ୍ତମାନ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ନିମନ୍ତେ ହିନ୍ଦୀ ଓ ସଂସ୍କୃତ ଶିକ୍ଷାଦାନ କରିବା ନିମନ୍ତେ କୌଣସି ଶିକ୍ଷକ ନ ଥିବା ବେଳେ କ୍ରୀଡ଼ା ଶିକ୍ଷାଦାନ ନିମନ୍ତେ ପିଇଟି ଏବଂ ଚିତ୍ରାଙ୍କନ ନିମନ୍ତେ ମଧ୍ୟ କୌଣସି ଶିକ୍ଷକ ନ ଥିବା ଜଣାପଡ଼ିଛି। ସେହିପରି ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନ ଥିବାରୁ ଅସୁବିଧା ହେଉଛି। ତୁରନ୍ତ ଏଗୁଡିକ ପୂରଣ କରାଯିବା ଦରକାର ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସାମନ୍ତରାୟ କହିଛନ୍ତି ।

# ଆନ୍ଧ୍ରକୁ ସମୁଦ୍ର ବାଲି ଚୋରାଚାଲାଣ

## ଜେସିବି , ୩ ଟିପ୍ପର ଜବତ

**ଛତ୍ରପୁର,୩।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରୁ ଆନ୍ଧ୍ରପ୍ରଦେଶକୁ ସମୁଦ୍ର ବାଲି ଚୋରାଚାଲାଣ କରାଯାଉଥିବା ବେଳେ ଛତ୍ରପୁର ତହସିଲ ପକ୍ଷରୁ ଚଢାଉ କରାଯାଇ ୩ ଟିପ୍ପର ଓ ଗୋଟିଏ ପୋକଲିନ (ଜେସିବି) ମେଶିନକୁ ଜବତ କରାଯାଇଛି। ଋଷିକୁଲ୍ୟା ନଦୀ ଓ ସମୁଦ୍ର ବେଳାଭୂମିରୁ ଆନ୍ଧ୍ରକୁ ବାଲି ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାକୁ ରୋକିବା ପାଇଁ ମଙ୍ଗଳବାର ରାତିରେ ଛତ୍ରପୁର ଅତିରିକ୍ତ ତହସିଲଦାର ରାକେଶ ନାହାକ ଓ ତାଙ୍କ ଟିମ୍ ଛକି ରହିଥିଲେ। ଟାଟା ଫାଟକ ସମ୍ମୁଖ ଜାତୀୟ ରାଜପଥରେ ଆନ୍ଧ୍ରକୁ ଯାଉଥିବା ୩ ଟିପ୍ପର (ଓଆର ୧୬ସି ୨୩୭୩, ଓଆର ୦୭ଟି ୧୩୮୨, ଓଆର ୧୬ବି ୧୩୧୫)କୁ ଅଟକ ରଖିଥିଲେ । ହରିପୁର ନିକଟରେ ଥିବା ଏକ ଅସ୍ଥାୟୀ ର୍ୟାମ୍ପରୁ ବାଲି ଅଣାଯାଇଥିବା ଜାଣିବା ପରେ ଅତିରିକ୍ତ ତହସିଲଦାର ସେଠାରେ ଚଢାଉ କରି ଜେସିବି ଜବତ କରିଥିଲେ। ଜବତ ଗାଡିଗୁଡିକୁ ଚମାଖଣ୍ଡି ଥାନା ଜିମା ଦିଆଯାଇଥିଲା। ଟିପ୍ପର ପିଛା ଏକ ଲକ୍ଷ ଲେଖାଏ ଓ ଜେସିବିକୁ ୨ ଲକ୍ଷ ଟଙ୍କା ଜରିମାନା ପକାଯାଇଥିବା ତହସିଲଦାର ନୀଳମାଧବ ଭୋଇ ସୂଚନା ଦେଇଛନ୍ତି।

# ୪୫ ୟୁନିଟ ରକ୍ତ ସଂଗ୍ରହ



ଉପଜିଲାପାଳ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

**ଭଞ୍ଜନଗର,୩।୨(ଡି.ଏନ.ଏ)**

ଭଞ୍ଜନଗର ବାର ଆସୋସିଏଶନର ଯୁବ ଆଇନଜୀବୀ କୁନା ନାୟକଙ୍କ ନେତୃତ୍ୱରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜାମପଲ୍ଲୀ ରୋଡ଼ରେ ଥିବା ଶିବଶକ୍ତି ଟ୍ରେଡ଼ର୍ସ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଭଞ୍ଜନଗର ମେଡିକାଲ ଅଧିକ୍ଷକ ଡ଼.ସିତାଂଶୁ ଶେଖର ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଇନଜୀବୀଙ୍କ ସମେତ ଉତ୍ସାହୀ ଯୁବକ ରକ୍ତଦାନ କରିଥିଲେ। ମୋଟ ୪୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଆଇନଜୀବୀ କୁନା ନାୟକ, ପୂର୍ବତନ କାଉନସିଲର ସୁକାନ୍ତ ଦିଗାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଜଣେ ଗିରଫ

**ଛତ୍ରପୁର, ୩।୨(ଡି.ଏନ୍.ଏ.):** ଜଣେ ୭ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଛତ୍ରପୁର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରକୁଣିଗାଁ ଗ୍ରାମର ମଳିକ ପ୍ରଧାନ(୫୮)। ମାମଲା ନଂ.୩୬/୨୧ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ନାବାଳିକାଙ୍କ ମା' ଓ ବାପା ବିଲକୁ କାମ କରିବା ପାଇଁ ଯାଇଥିବା ବେଳେ ମଳିକ ଏହାର ସୁଯୋଗ ନେଇ ନାବାଳିକାଙ୍କୁ ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ଝିଅଠାରୁ ସମସ୍ତ ଘଟଣା ଜାଣିବା ପରେ ନାବାଳିକାଙ୍କ ମା' ବାପା ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ।

### ବଳାତ୍କାର ଭିଡିଓ ଭାଇରାଲ ଧମକ

### ଅଭିଯୁକ୍ତ ଗିରଫ

**ଆସିକା,୩।୨(ଡି.ଏନ୍.ଏ.):** ଆସିକା ଥାନା ଇଲାକାରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏକାଧିକ ଥର ବଳାତ୍କାର କରିଥିବା ଓ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ମିଥୁନ ଗୌଡ । ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ନଂ.୬୭/୨୧ରେ ମାମଲା କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଯୁବତୀଙ୍କ ପରିବାର ଲୋକଙ୍କ ଅନୁପସ୍ଥିତିରେ ମିଥୁନ ତାଙ୍କ ଘରକୁ ଆସି ବିବାହର ପ୍ରତିଶ୍ରୁତି ଦେଇ ଏକାଧିକ ବାର ବଳାତ୍କାର କରିଥିଲେ । ପରେ ଏହାର ଫଟୋ ସବୁ ଭାଇରାଲ କରିବାର ଧମକ ଦେଇଥିଲେ।

### ୨ ମାଜିଷ୍ଟ୍ରେଟଙ୍କ ପଦୋନ୍ନତି ସହ ନିଯୁକ୍ତି

**ବ୍ରହ୍ମପୁର ଅଫିସ,୩।୨:** ଗତବର୍ଷ ବ୍ରହ୍ମପୁର ଜିଲା ଜଜ୍ କୋର୍ଟରେ ୨ୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ନିଯୁକ୍ତି ପାଇଥିବା ପ୍ରଜ୍ଞା ରାଉତ ଓ ଶୁଭଙ୍କର ମହାନ୍ତିଙ୍କ ପଦୋନ୍ନତି ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଜ୍ଞା ଭଞ୍ଜନଗର କୋର୍ଟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶୁଭଙ୍କର ସୁନ୍ଦରଗଡରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଲାଠି ଗାଁରେ ରାସ୍ତା ଖୋଳାକୁ ବିରୋଧ

**ବ୍ରହ୍ମପୁର ଅଫିସ,୩।୨:** ବ୍ରହ୍ମପୁର ସହର ଉପକଣ୍ଠ ଲାଠି ଗ୍ରାମରେ ଡ୍ରେନ ନିର୍ମାଣ ପାଇଁ ଗତ ୫ ଦିନ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଖୋଳାଯାଇଛି। ଏହା ତୁରନ୍ତ ବନ୍ଦ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ଗଞ୍ଜାମ ଜିଲାପାଳଙ୍କୁ ବୁଧବାର ସ୍ମାରକପତ୍ର ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ଅଭିଯୋଗ ପ୍ରକାରେ ଡ୍ରେନ ନିର୍ମାଣ ଦ୍ୱାରା ଗ୍ରାମର କେତେକ ସାହି ସମେତ ପାଖ ଗ୍ରାମ ବେନ୍ଦାଳିଆ, କୁମାରପୁର, କୁସୁମୀ ଓ ବାଘଲଟି ଆଦିକୁ ଯାନବାହନ ଚଳାଚଳ ବ୍ୟାହତ ହେବ । ଆମ୍ବୁଲାନ୍ସ ଓ ଦମକଳ ବାହିନୀ ଗାଡ଼ି ଯାଇପାରିବ ନାହିଁ। ତେଣୁ ରାସ୍ତା ଖୋଳାକୁ ବିରୋଧ କରାଯାଇଛି।

# ପରେଡ୍‌ରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସ୍ୱେଚ୍ଛାସେବୀ

**ବ୍ରହ୍ମପୁର ଅଫିସ,୩।୨**

ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ସାଧାରଣତନ୍ତ୍ର ଦିବସ ପରେଡ୍ ୨୦୨୧ କ୍ୟାମ୍ପରେ ଯୋଗ ଦେଇଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୪ ସ୍ୱେଚ୍ଛାସେବୀ। ଓଡ଼ିଶାରୁ ଯୋଗ ଦେଇଥିବା ୮ ଜଣଙ୍କ ମଧ୍ୟରୁ ୪ ଜଣ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର। ରାମ ନାରାୟଣ କଲେଜ ଛାତ୍ର ସ୍ୱରାଜ ମହାନ୍ତି, ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜର ନେହା ପ୍ରଧାନ, ସେମିଲିଗୁଡା ମହାବିଦ୍ୟାଳୟର ଡମ୍ବରୁଧର ଗରଡା, ଜୟପୁର ସରକାରୀ ମହାବିଦ୍ୟାଳୟରୁ ବର୍ଷାରାଣୀ ସାହୁ ଯୋଗ ଦେଇଥିଲେ। ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ପରେଡ ଅଭ୍ୟାସ କ୍ୟାମ୍ପରେ ସେମାନେ ଯୋଗ ଦେଇଥିଲେ। ଓଡ଼ିଶା ଫେରିବା ପରେ ମଙ୍ଗଳବାର ରାଜ୍ୟପାଳ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଥିଲେ। ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଏହି ଅବସରରେ କୁଳପତି ସିଣ୍ଡିକେଟ ହଲ୍‌ରେ ସମସ୍ତଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଦେଶ ପାଇଁ ସ୍ୱେଚ୍ଛାକୃତ ଭାବେ କାମ କରିବା ପାଇଁ ଯେଉଁ ସଂକଳ୍ପ ନେଇଛନ୍ତି ତେଣୁ ଆମେ ଗର୍ବିତ। ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି।

ଗତ ବର୍ଷ ଯୋଗ ଦେଇଥିବା ବ୍ରହ୍ମପୁର ମହାମାୟୀ ମହାବିଦ୍ୟାଳୟର ଛାତ୍ରୀ ରାଧିକା ପାଢ଼ୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ସହ ସେଠାର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସମ୍ବର୍ଦ୍ଧନାରେ କୁଳପତିଙ୍କ ସମେତ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ଉପକୁଳ ସଚିବ ଡ. ବାବୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ, ପରୀକ୍ଷା ନିୟନ୍ତ୍ରକ ଡ. ସୁରେନ୍ଦ୍ର ସେଠୀ, ପିଜି କାଉନ୍‌ସିଲ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥ, ଏନ୍‌ଏସ୍‌ଏସ ସଂଯୋଜକ ଡ. ଧ୍ରୁବଚରଣ ପଣ୍ଡା, ଏନ୍‌ଏସ୍‌ଏସ୍ ଅଧିକାରୀ ସୁଶାନ୍ତ କୁମାର ସାହୁ, ସୁଶାନ୍ତ ପଣ୍ଡା ଓ ରାଜେନ୍ଦ୍ର ସାବତ ପ୍ରମୁଖ ଉପସ୍ଥିତ ଥିଲେ। ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟିବାର କାର୍ଯ୍ୟକ୍ରମ ରହିଥିବା ସ୍ୱେଚ୍ଛାସେବୀମାନେ କହିଛନ୍ତି।

## ଘରେ ପଶି ଦୋକାନୀଙ୍କୁ ହତ୍ୟା ମାମଲା

# ଜେଲ୍ ଗଲେ ୨ ଅଭିଯୁକ୍ତ

**ଦିଗପହଣ୍ଡି,୩।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଅଧୀନ ନୂଆ ଅନନ୍ତେଇ ଗ୍ରାମର ଦୋକାନୀ ଦୁଷ୍ମନ୍ତ ଚୌଧୁରୀ ବାକି ନଦେବାରୁ ରବିବାର ରାତିରେ କେତେକ ଯୁବକ ତାଙ୍କୁ ହତ୍ୟା କରିଥିଲେ। ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ବ୍ରହ୍ମପୁର ସଦରକୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନୂଆ ଅନନ୍ତେଇ ଗ୍ରାମର ଶଙ୍କର ଦାସ ଓ ବାପିନି ପାତ୍ର। ମାମଲା ନଂ.୨୬/୨୧ରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ଦୁଷ୍ମନ୍ତଙ୍କୁ ବାକିରେ ସିଗାରେଟ ଓ ପାଣି ପାଉଚ୍ ମାଗିଥିଲେ। ସେ ମନା କରିବାରୁ ପାଟିତୁଣ୍ଡ ହୋଇଥିଲା। ରାତି ପ୍ରାୟ ସାଢ଼େ ୧୦ଟାରେ ଠେଙ୍ଗା ଓ ଲୁହାଛଡ଼ ଧରି ଦୁଷ୍ମନ୍ତଙ୍କ ଘରେ ପଶି ତାଙ୍କୁ ରାସ୍ତା ଉପରକୁ ଆଣି ଆକ୍ରମଣ କରିଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭାଇ ବିକ୍ରମଙ୍କ ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଜେଲ ଗଲେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୩।୨**

ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଏକ ଲଜ୍‌ରେ ଜଣେ ଯୁବକ ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ଯୁକ୍ତ ୨ ନାବାଳିକା ଛାତ୍ରୀଙ୍କୁ ମଦ ପିଆଇ ବଳାତ୍କାର କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୀଡ଼ିତା ମା'ଙ୍କ ଅଭିଯୋଗକ୍ରମେ ବଡବଜାର ଥାନା ପୋଲିସ ଅଭିଯୁକ୍ତ ଗ୍ରାମଦେବତୀ ସାହିର କିରଣ କୁମାର ସାହୁଙ୍କୁ ଗିରଫ କରିଛି। ମାମଲା ନଂ.୩୪/୨୧ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ବେଆଇନ ଭାବେ ସମ୍ପୃକ୍ତ ଲଜ୍ ମ୍ୟାନେଜର ପୁଅ-ଝିଅଙ୍କୁ ରଖିଥିବା ଘଟଣାରେ ପୋଲିସ ତାଙ୍କୁ ପଚରାଉଚରା କରିଛି। ଲଜ୍‌ରେ ଏତେ କମ ବୟସର ଝିଅକୁ ରାତିରେ ରହିବାକୁ ମ୍ୟାନେଜର କାହିଁକି ସୁଯୋଗ ଦେଲେ ସେ ନେଇ ତନାଘନା ଚାଲିଛି। ଗତ ଦୁଇ ଦିନ ତଳେ ଅଭିଯୁକ୍ତ କୌଶଳକ୍ରମେ ଛାତ୍ରୀଙ୍କୁ ଉକ୍ତ ଲଜ୍‌କୁ ଡାକି ନେଇଥିଲେ। ସେଠାରେ ଉଭୟ ସ୍ୱାମୀ -ସ୍ତ୍ରୀ ପରିଚୟ ଦେଇ ରହିଥିଲେ। କିରଣ ଛାତ୍ରୀଙ୍କୁ ସେଠାରେ ବଳପୂର୍ବକ ମଦ ପିଆଇଥିଲେ। ପରେ ରାତିସାରା ବଳାତ୍କାର କରିଥିଲେ। ପ୍ରତିବାଦ କରିବାରୁ ବିଭିନ୍ନ ଧମକ ଦେଇଥିଲେ। ଛାତ୍ରୀ ଜଣଙ୍କ ଘର ଲୋକଙ୍କୁ ଯୋଗାଯୋଗ କରିବା ପାଇଁ ମୋବାଇଲ ବାହାର କରିବାରୁ କିରଣ ତାହା ଭାଙ୍ଗି ଦେଇଥିଲେ। କିରଣ ଶୋଇପଡିବା ପରେ ଭୋରରେ ଛାତ୍ରୀ ଜଣଙ୍କ କୌଶଳକ୍ରମେ ଖସି ଆସି ଏକ ଅଟୋ ଯୋଗେ ଘରେ ପହଞ୍ଚି ମା'ଙ୍କୁ ସବୁକଥା କହିଥିଲେ। ମା'ଙ୍କ ଏତଲାପ୍ରକାରେ ୩୪/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା।

# ସଡ଼କ ସୁରକ୍ଷା ସଚେତନତା


ମଞ୍ଚାସୀନ ଅତିଥି ।

**ଭଞ୍ଜନଗର,୩।୨(ଡି.ଏନ୍.ଏ.)**

ବେଲଗୁଣ୍ଠା ବ୍ଲକ ନୂଆଗାଁ ସଦାନନ୍ଦ ତ୍ରିପାଠୀ ବିଦ୍ୟାପୀଠରେ ବୁଧବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଛାତ୍ରୀଛାତ୍ରମାନେ ଚାହିଁଲେ ସଡ଼କ ଦୁର୍ଘଟଣା କମିପାରିବ। ଛାତ୍ରୀଛାତ୍ରମାନେ ନିଜ ଅଭିଭାବକଙ୍କୁ ସଡ଼କ ସୁରକ୍ଷା ଆଇନ ଉପରେ ସଚେତନ କରାଇବା ଆବଶ୍ୟକ ବୋଲି କହିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶୁଳପାଣି ଶତପଥୀ, ପଞ୍ଚାନନ ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟତ୍ରୀ ସ୍ନେହଲତା ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୈତୃକ ଗ୍ରାମର ଏହି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣାନ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଉନ୍ନତି କିଭଳି ହୋଇପାରିବ ସେନେଇ ଗଣଶିକ୍ଷା ବିଭାଗ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଲାଗି ଯୋଜନା ଆରମ୍ଭ ହୋଇଛି ।

# ୬ ଫେରାର୍ ଅଭିଯୁକ୍ତ ଗିରଫ

**ଆସିକା,୩।୨(ଡି.ଏନ୍.ଏ.)**

ବିଭିନ୍ନ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଥାଇ ଦୀର୍ଘଦିନ ଧରି ଅଦାଲତରେ ହାଜର ହେଉ ନ ଥିବା ୬ ଜଣଙ୍କୁ ଆସିକା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ନିତ୍ୟାନନ୍ଦ ବିଶ୍ୱାଳ, ସନ୍ନ୍ୟାସୀ ବିଶ୍ୱାଳ, ବାବୁଲି ବିଶ୍ୱାଳ, ଭକ୍ତ ବିଶ୍ୱାଳ, ସୁବାସ ଚନ୍ଦ୍ର ଡାକୁଆ ଓ କାଳିଆ ବେହେରା । ଗତ ୨୦୦୭, ୨୦୧୬ ଓ ୨୦୧୮ରେ ହୋଇଥିବା ଫୌଜଦାରୀ ମାମଲାରେ ଏମାନେ ଅଭିଯୁକ୍ତ ରହିଥିଲେ। ଅଦାଲତରେ ହାଜର ହେଉ ନ ଥିବାରୁ ଜାମିନବିହୀନ ଗିରଫ ପରୱାନା ବଳରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**କ.ନୂଆଗାଁ,୩।୨(ଡି.ଏନ୍.ଏ.)**

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ବୁଧବାର କନ୍ଧମାଳ ଗସ୍ତରେ ଆସି କ.ନୂଆଗାଁ ବ୍ଲକ ଡାମେରିକିଆଠାରେ ନିର୍ମିତ ଜନଜାତି ସଂସ୍କୃତି ପ୍ରଗତୀ ଯୁବକ ସଂଘ ଗୃହ ଓ କ.ନୂଆଗାଁଠାରେ ଥିବା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଉଦ୍‌ଘାଟନ କରିଛନ୍ତି। ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ପାରମ୍ପରିକ ନାଚ ଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଆଇଟିଡିଏ ପିଏ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିରୁଦ୍ଧ ପୁହାଣ, ସହକାରୀ ଯନ୍ତ୍ରୀ କବିରାଜ ବେହେରା, ବିଜୟସିଂ କେରକେଟା, ବ୍ଲକ ବିଜେଡି ସଭାପତି ବାସୁଦେବ ପଣ୍ଡା, ରାଜ୍ୟ ପରିଷଦ ସଦସ୍ୟ କୃଷ୍ଣ ମୋହନ ପାଣିଗ୍ରାହୀ, ଅନିତା ମଲିକ, ରଘୁନାଥ ବିଶୋୟୀ, କୁମୁଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

## ୨ ସୁନା ଅଳଙ୍କାର ଲୁଟ୍ ମାମଲା

**ଛତ୍ରପୁର,୩।୨(ଡିଏନଏ)**

ଛତ୍ରପୁରରେ ଗତ ଅଗଷ୍ଟ ଓ ଡିସେମ୍ବରରେ ହୋଇଥିବା ଦୁଇ ସୁନା ଅଳଙ୍କାର ଲୁଟ ଘଟଣାର ଗିରଫ ଅଭିଯୁକ୍ତଙ୍କୁ ଛତ୍ରପୁର ଥାନା ପୋଲିସ ରିମାଣ୍ଡରେ ଆଣିବ । ଅଭିଯୁକ୍ତ ଜଣକ ହେଲେ ବ୍ରହ୍ମପୁରର ଶିବ ମହାନ୍ତି। ଶିବଙ୍କୁ ପୂର୍ବରୁ ବାଲୁଗାଁ ଥାନା ପୋଲିସ ଅନ୍ୟ ଏକ ମାମଲାରେ ଗିରଫ କରିଥିଲା। ଛତ୍ରପୁରର ୨ ଲୁଟ ଘଟଣା ସହ ବ୍ରହ୍ମପୁର ସମେତ ବିଭିନ୍ନ ଥାନାରେ ଚୋରି ମାମଲାରେ ସଂପୃକ୍ତ ଥିବା ଶିବଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯିବ ବୋଲି ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ଗତ ଅଗଷ୍ଟ ୨୬ ତାରିଖ ରାତିରେ ଶିବ ଛତ୍ରପୁର କୋର୍ଟ ଷ୍ଟେଶନ ଗଳାଶଙ୍ଖ ନିକଟରେ ମା' ଶାରଳା ସୁନା ଦୋକାନୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ସୁନା,ରୂପା ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନଂ.୨୫୪/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ସେହିପରି ଗତ ଡିସେମ୍ବର ୧୪ରେ ସ୍ପଷ୍ଟ ଦିବାଲୋକରେ ପାତ୍ରସାହି ନିକଟରୁ ଶିବ ଜାମସେଦପୁରପୁରର ଆଶା ଦେବୀଙ୍କ ସୁନାଚେନ ଓ ମାଳି ଝାମ୍ପି ନେଇଥିଲେ। ଏ ନେଇ ନଂ.୩୭୮/୨୦ ମାମଲା ରୁଜୁ ହୋଇଥିଲା।

# ସିଦ୍ଧ ଭୈରବୀ ମନ୍ଦିର ଖୋଲିବା ଦାବି

**ଛତ୍ରପୁର, ୩।୨(ଡି.ଏନ.ଏ)**

ଗଞ୍ଜାମ ଜିଲାର ସମସ୍ତ ମଠ, ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଗତ ମାସରୁ ଖୋଲିଥିଲେ ମଧ୍ୟ ମନ୍ତ୍ରିଡି ଗ୍ରାମରେ ଥିବା ପ୍ରସିଦ୍ଧ ସିଦ୍ଧ ଭୈରବୀ ମନ୍ଦିର ଏ ପର୍ଯ୍ୟନ୍ତ ଖୋଲିନି । ଫଳରେ ଶ୍ରଦ୍ଧାଳୁ ନିରାଶ ହେଉଥିବା ବେଳେ ସେଠାରେ ଉଠା ଦୋକାନ କରିଥିବା ବ୍ୟବସାୟୀମାନେ ମଧ୍ୟ ପରିବାର ଚଳାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିବାଦ ଯୋଗୁ ଉକ୍ତ ମନ୍ଦିର ଖୋଲିପାରୁ ନ ଥିବା ଜଣାପଡିଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ମନ୍ଦିର ଖୋଲିବା ବ୍ୟବସ୍ଥା କରିବାକୁ ଉଠା ଦୋକାନୀ ଓ ମନ୍ତ୍ରିଡି ଗ୍ରାମବାସୀ ଦାବି କରିଛନ୍ତି। ବୁଧବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


ସ୍ମାରକପତ୍ର ଦେବାକୁ ଆସିଥିବା ବ୍ୟବସାୟୀ ଓ ଗ୍ରାମବାସୀ।

ଅଞ୍ଚଳର ପ୍ରାୟ ୨୦ ଗ୍ରାମର ଜନସାଧାରଣ ମା ଭୈରବୀଙ୍କୁ ଇଷ୍ଟଦେବୀ ଭାବେ ପୂଜାର୍ଚ୍ଚନା କରିଥାନ୍ତି। ବିବାହ ଓ ବ୍ରତଘର ସମୟରେ ପ୍ରଥମେ ମା'ଙ୍କ ପାଖରେ ଗୁଆ ଅନୁକୂଳ କରାଯାଇଥାଏ । କରୋନା କଟକଣା ଉଠିବା ପରେ ଗତ ମାସଠାରୁ ଏଠାକୁ ଦୈନିକ ୭୦୦ରୁ ୮୦୦ ଭକ୍ତ ଆସୁଥିଲେ ମଧ୍ୟ ମନ୍ଦିର ବନ୍ଦ ଥିବାରୁ ସିଂହଦ୍ୱାର ସମ୍ମୁଖରେ ପୂଜା କରି ଫେରୁଛନ୍ତି। ଏପରିକି ଗତ ମକା ସଂକ୍ରାନ୍ତିରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଏଠାକୁ ଆସି ଫାଟକ ସମ୍ମୁଖରେ ପୂଜା କରି ଫେରିବାକୁ ବାଧ୍ୟ ହୋଇଥିବ ଦେଖାଯାଇଥିଲା।

## ନିର୍ଯାତନା ମାମଲା: ଅଗ୍ନିଶମ କନଷ୍ଟେବଳ କୋର୍ଟଚାଲାଣ

**ବ୍ରହ୍ମପୁର ଅଫିସ:** ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ କୋଦଳା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ କନଷ୍ଟେବଳ ବାବୁଲା ବେହେରା ଗିରଫ ହୋଇଛନ୍ତି। ବ୍ରହ୍ମପୁର ମହିଳା କେସ୍ ନଂ.୧୭/୨୧ରେ ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ବାବୁଲା ୨ ବର୍ଷ ତଳେ ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ପରେ ଅଧିକ ଯୌତୁକ ପାଇଁ ସେ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ହୋଇ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ କନଷ୍ଟେବଳ ତଥା ଗଞ୍ଜାମ ବ୍ଲକ ପୁରୁଣାବନ୍ଧ ଗ୍ରାମର ବାବୁଲାଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଦୋକାନୀଙ୍କୁ ଏସିଡ୍ ମାଡ

**ପାତ୍ରପୁର,୩।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜରଡ଼ା ଥାନା ପାତ୍ରପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଉପରେ ବୁଧବାର ଏସିଡ୍ ମାଡ ହୋଇଛି। ସେ ହେଲେ ପାତ୍ରପୁର ଗ୍ରାମର କାଶୀନାଥ ସାହୁ (୫୫)। ଅପରାହ୍ନରେ କାଶୀନାଥ ନିଜ ଦୋକାନ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଆସି ଏସିଡ୍ ଫିଙ୍ଗି ଚାଲିଯାଇଥିଲା। ଜଳାପୋଡା ହେବାରୁ ସେ ଚିତ୍କାର କରିଥିଲେ। ସ୍ଥାନୀୟ ବ୍ୟବସାୟୀମାନେ ତାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇ ନଥିବା ଜଣାପଡିଛି।

### ଅପିଲ ପରେ କାଏମ ରହିଲା ଦଣ୍ଡବିଧାନ
#### ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ଦିଗପହଣ୍ଡି ,୩।୨(ଡି.ଏନ.ଏ.):** ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସାନଖେମୁଣ୍ଡି ଗ୍ରାମ ନ୍ୟାୟାଳୟ ମାଜିଷ୍ଟ୍ରେଟ ବିଷ୍ଣୁ ପ୍ରସାଦ ଦେବତା ୨୦୧୯ ସେପ୍ଟେମ୍ବର ୧୯ରେ ଅଭିଯୁକ୍ତ ଯୋଗେନ୍ଦ୍ର ଦୋରାଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ୧ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକା ୧ ମାସ ଦଣ୍ଡାଦେଶର ରାୟ ଶୁଣାଇଥିଲେ। ଗ୍ରାମ ନ୍ୟାୟଳୟ କୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତ ଜିଲା ଜଜ୍ କୋର୍ଟରେ ଅପିଲ ନଂ. ୩୭/୧୯ ଅନୁଯାୟୀ ଯାଚିକା ଦାଖଲ କରିଥିଲେ। ଜିଲା ଜଜ୍ କୋର୍ଟ ଏହାର ବିଚାର କରି ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ମାର୍ଚ୍ଚ ୧୩ ତାରିଖରେ ଅଭିଯୁକ୍ତ ଯୋଗେନ୍ଦ୍ର ମହିଳାଙ୍କ ଘରେ ପଶି ଅସଦାଚରଣ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ପୀଡିତାଙ୍କ ଏତଲା କ୍ରମେ ପାଟପୁର ପୋଲିସ ନଂ.୨୫/୧୩ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ତଦନ୍ତକାରୀ ପୋଲିସ ଅଧିକାରୀ ସୀମାଞ୍ଚଳ ମିଶ୍ର ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଂ. ୪୭/୧୩ରେ କୋର୍ଟରେ ଚାର୍ଜଶିଟ୍ ପ୍ରଦାନ କରିଥିଲେ। କେସ ନଂ. ଜିଆର - ୫୪/୧୩। ସମୁଦାୟ ୮ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମାଜିଷ୍ଟ୍ରେଟ ଏହି ଦଣ୍ଡାଦେଶ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଏପିପି ସତ୍ୟ ନାରାୟଣ ରଥ ଓ ଦୀପକ ସେଠୀ ମାମଲା ପରିଚାଳନା କରୁଥିଲେ।

### ସଂସ୍କୃତ ବିଶାରଦଙ୍କ ପରଲୋକ

**ଖଲ୍ଲିକୋଟ,୩।୨(ଡି.ଏନ୍.ଏ.):** ଶ୍ରୀକୃଷ୍ଣଶରଣପୁର ଶାସନର ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ତଥା ବିଶିଷ୍ଟ ଶିକ୍ଷାବିତ ଶଶିଶେଖର ମିଶ୍ରଙ୍କ ବୁଧବାର ଭୋର୍‌ରେ



ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଗଞ୍ଜାମ ସିଡିଏମଓ ଡ଼ା. ଉମାଶଙ୍କର ମିଶ୍ର, କନିଷ୍ଠ ପୁତ୍ର ଇଂ. ଗିରିଜା ଶଙ୍କର ମିଶ୍ର, ବଡ଼ଝିଅ ଡା. ବନ୍ଦନା ମିଶ୍ର, ଦୁଇ ବୋହୂ, ଜ୍ୱାଇଁ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ।

### ଯୁବ ରେଡକ୍ରସ ତାଲିମ ଶିବିର

**ଚିକିଟି,୩।୨(ଡି.ଏନ.ଏ.):** ଚିକିଟି କଲେଜରେ ଯୁବ ରେଡ୍‌କ୍ରସ ସୋସାଇଟି ତରଫରୁ ସମୂହ ତାଲିମ ଶିବିର ଓ ପାଠଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ହରପ୍ରସାଦ ଭୋଇ, ସମ୍ମାନିତ ଅତିଥି ଭାବେ ରେଡ୍‌କ୍ରସ ସୋସାଇଟି ଜିଲା ସଂଯୋଜକ ବି.ଗୋବିନ୍ଦ ରାଓ ଯୋଗଦେଇଥିଲେ। ସଂଶାଧକ ବ୍ୟକ୍ତିତ୍ୱ ରୂପେ ସେଣ୍ଟଜନ ଆମ୍ବୁଲାନ୍ସର ଆସିଷ୍ଟାଣ୍ଟ କମିଶନର ପ୍ରଦୀପ କୁମାର ମହାପାତ୍ର, ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମୀନାକ୍ଷୀ ସାହୁ, କେନ୍ଦୁପଦର କଲେଜର ହରିଶଙ୍କର ପାଣ୍ଡେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଆନ୍ତଃଗୁଣ ମୂଲ୍ୟାଙ୍କନ ପରିଷଦର ସଂଯୋଜକ ଡଃ ଭବାନୀ ପ୍ରସାଦ ପଣ୍ଡା, ରେଡ ରିବନ ସୋସାଇଟିର ଉପଦେଷ୍ଟା ସନାତନ ଗୌଡ଼, ଜାତୀୟ ସୁନୀଲ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

# ଦୃଷ୍ଟି ଆଢୁଆଳରେ ଖଣ୍ଡଦେଉଳି ଲକ୍ଷ୍ମୀ ନୃସିଂହ ମନ୍ଦିର

**ବିଦ୍ୟାଧର ସାହୁ**
**ଗଞ୍ଜାମ,୩।୨(ଡି.ଏନ.ଏ.)**

## ପାନୀୟଜଳ ବ୍ୟବସ୍ଥା, ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ପାହାଡ଼ ଶିଖରରେ ରହିଛି ଲକ୍ଷ୍ମୀ ନୃସିଂହ ମନ୍ଦିର। ଘନ ବନରାଜି ଓ ପାହାଡ ଉପରର ମନୋରମ ଦୃଶ୍ୟ ଉପଭୋଗ ସହ ଲକ୍ଷ୍ମୀନୃସିଂହଙ୍କୁ ଦର୍ଶନ କରିବାକୁ ଏଠାକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ବର୍ଷସାରା ସୁଅ ଛୁଟେ। କିନ୍ତୁ ଏଠାରେ ଆନୁସଙ୍ଗିକ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ନାହିଁ ନଥିବା ହୀନସ୍ତା ହୁଅନ୍ତି।

ମନ୍ଦିର ପୂଜକ ନୃସିଂହ ପଣ୍ଡା କୁହନ୍ତି, କିଛିବର୍ଷ ତଳେ କେତେଜଣ ସାଧୁ ଘଞ୍ଚ ଜଙ୍ଗଲ ଦେଇ ପାହାଡ଼ ଶିଖରରେ ପହଞ୍ଚି ସେଠାରେ ନୃସିଂହ ଠାକୁରଙ୍କ ମୂର୍ତ୍ତିଥିବା ଜାଣିବାକୁ ପାଇଥିଲେ। ଚାରୋଟି କାଠ ପୋତି ଏକ ଅସ୍ଥାୟୀ ମନ୍ଦିର ନିର୍ମାଣ କରି ସେମାନେ ପୂଜାର୍ଚ୍ଚନା ଆରମ୍ଭ କଲେ। ମାତ୍ର ପରବର୍ତ୍ତୀ ସମୟରେ ପାହାଡ ଉପରକୁ ଗମନାଗମନ ସହ ପାନୀୟଜଳ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରି ନପାରି ଛାଡି ଚାଲି ଯାଇଥିଲେ।



ଲକ୍ଷ୍ମୀ ନୃସିଂହ ମନ୍ଦିର

ମାତ୍ର ସେତେବେଳକୁ ଏହିକଥା ସ୍ଥାନୀୟ ଅଞ୍ଚଳରେ ପ୍ରଚାର ହୋଇସାରିଥିଲା। ୨୦୦୭ରେ ନିକଟସ୍ଥ ଗ୍ରାମ ଖଣ୍ଡଦେଉଳି, ଝରକୁଆଳି, ପାଟପୁର, ବିରୁଳିଗଡ, ବାଗଲପୁର, ବଳରାମପୁର ଓ ବଡ଼ଚକଟା ଆଦି ଗ୍ରାମବାସୀ ମନ୍ଦିରର ଉନ୍ନତି ପାଇଁ ଅଣ୍ଟା ଭିଡିଥିଲେ। ମନ୍ଦିର ପରିଚାଳନା କମିଟି ଗଠନ କରାଗଲା। କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ବଂଶୀଧର ଗୌଡ଼ଙ୍କ ପ୍ରଚେଷ୍ଟାରେ 'ଆମ ଗାଁ, ଆମ ବିକାଶ' ଯୋଜନାରେ ୪ଲକ୍ଷ ଟଙ୍କା ଲେଖାଏ ବ୍ୟୟଅଟକଳରେ ପାହାଡ଼ ଉପରେ ଏବଂ ତଳେ ଦୁଇଟି ଗୃହ ନିର୍ମାଣ କରାଯାଇଛି। ତାଙ୍କ ପ୍ରଚେଷ୍ଟାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଗ୍ରାମୀଣ ଗୋପବନ୍ଧୁ ଯୋଜନାରେ ପାହାଡ଼ ଉପରକୁ ଯିବାକୁ ରାସ୍ତା, ପାହାଡ଼ ଚାରିପଟେ ନଡ଼ିଆ ଚାରା ରୋପଣ କରାଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ତଳେ ଏକ ବୋରିଂ ଖୋଳାଯାଇ ମନ୍ଦିରକୁ ପାଣି ବନ୍ଦୋବସ୍ତ କରାଯିବା ସହ ଯଜ୍ଞମଣ୍ଡପ ନିର୍ମାଣ ହୋଇଛି। ରାଜ୍ୟ ବାହାରେ କାମ କରୁଥିବା ଅଞ୍ଚଳର ଯୁବକଙ୍କ ସହାୟତାରେ ପାହାଡ଼ ଉପରକୁ ପାଇପ ଲାଇନ୍ ନିଆଯାଇଥିଲା। ଉଚ୍ଚ ହେଉଥିବାରୁ ପାନୀୟଜଳ ସମସ୍ୟା ଦେଖା ଦେଉଛି।

ଏବେ ସେଠାରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବିବାହ, ବ୍ରତ ଓ ଜନ୍ମଦିନ ପାଳନ କରୁଛନ୍ତି। ଏହାସହ ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଚନ୍ଦନ ଯାତ୍ରା, ପ୍ରତି ବୈଶାଖ ମାସରେ ନୃସିଂହ ଚତୁର୍ଦ୍ଦଶୀ ଏବଂ ମାଘ ମାସରେ ମାସବ୍ୟାପୀ ନୃସିଂହ ପୁରାଣ, ନାମଯଜ୍ଞ ଆଦି ଯାନିଯାତ୍ରା ଅନୁଷ୍ଠିତ ହେଉଥିବା ମୁଖ୍ୟ ପୂଜକ କୃଷ୍ଣଚନ୍ଦ୍ର ପଣ୍ଡା କହିଛନ୍ତି। ସ୍ଥାନୀୟ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ମନ୍ଦିରକୁ ପାନୀୟ ଜଳ ବ୍ୟବସ୍ଥା, ଶିଶୁ ଉଦ୍ୟାନ, ପିଚୁରାସ୍ତା ନିର୍ମାଣ ସହ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ଗ୍ରାମବାସୀ ଓ ମନ୍ଦିର କମିଟି ଦାବି କରିଛି।

# ଦୁର୍ଘଟଣାରେ ଶିଶୁକନ୍ୟା ମୃତ, ୪ ଗୁରୁତର

**ଦିଗପହଣ୍ଡି,୩।୨(ଡି.ଏନ.ଏ.)**

ଦିଗପହଣ୍ଡି–ବ୍ରହ୍ମପୁର ରାଜ୍ୟ ରାଜପଥ–୧୭ ମୁଖ୍ୟ ରାସ୍ତାର ଗଣିଆନାଳ ଛକ ନିକଟ ମା' ଖେମୁଣ୍ଡିକାଲୁଆ ଛକରେ ମଙ୍ଗଳବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଦେଢବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ଥାନା ମରେଇବାଡି ଗ୍ରାମର ଚାନ୍ଦିନୀ ମଲ୍ଲିକ। ଅନ୍ୟ ୪ ଗୁରୁତରଙ୍କ ମଧ୍ୟରେ ମୃତ ଶିଶୁର ମା' ସାରସୁ ମଲ୍ଲିକ, ବାପା ଜୁରିଆ ମଲ୍ଲିକ, ଭାଇ ଚନ୍ଦନ ଓ କୁକୁଡ଼ାଖଣ୍ଡି ବ୍ଲକର ବାଇକ ଚାଳକ ଅଜୟ ଦଳବେହେରା ଥିଲେ। ଜୁରିଆ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହ ତପ୍ତପାଣିରୁ ନିଜ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଜୟ ଓ ତାଙ୍କ ସହଯୋଗୀଙ୍କ ବାଇକ ସହ ଧକ୍କା ହୋଇଥିଲା। ଦିଗପହଣ୍ଡି ପୋଲିସ ସମସ୍ତ ଗୁରୁତରଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଶିଶୁକନ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଅଜୟଙ୍କ ସହଯୋଗୀ ଫେରାର ଥିବା ପୋଲିସ କହିଛି।

# ପୋଲିସ ବିଟ୍ ହାଉସ୍ ଉଦ୍‌ଘାଟିତ



ବିଟ୍ ହାଉସ୍‌କୁ ଉଦ୍‌ଘାଟନ କରାଯାଉଛି।

**ବାଲିଗୁଡ଼ା,୩।୨(ଡି.ଏନ୍.ଏ.)**

ବାଲିଗୁଡା ବସଷ୍ଟାଣ୍ଡ ପରିସରରେ ପୋଲିସ ପ୍ରଶାସନ ତରଫରୁ ଏକ ପୋଲିସ ବିଟ୍ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଛନ୍ତି ସ୍ଥାନୀୟ ବିଧାୟକ ଚକ୍ରମଣି କହଁର। କାର୍ଯ୍ୟକ୍ରମରେ କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ, ଉପଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଏନ୍‌ଏସି ଅଧକ୍ଷ ଲୋକନାଥ ପାଢୀ ଉପସ୍ଥିତ ଥିଲେ।

# ପାନୀୟ ଜଳ ନ ମିଳିବା ପ୍ରତିବାଦରେ ରାସ୍ତାରୋକୋ



ସାହିବାସୀଙ୍କ ରାସ୍ତାରୋକୋ।

**ବୁଗୁଡ଼ା,୩।୨(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସି ୧୧ନଂ ଓ ୧୨ନଂ ୱାର୍ଡର ପଲାଇ ସାହି, କାର୍ଜି ସାହି ଓ ରଘୁନାଥ ସାହି ବାସିନ୍ଦାଙ୍କୁ ୬ ମାସ ହେଲା ପାନୀୟ ଜଳ ମିଳୁ ନଥିବା ପ୍ରତିବାଦରେ ବୁଧବାର ସେମାନେ ରାସ୍ତାରୋକୋ କରିଛନ୍ତି। ଉକ୍ତ ଦୁଇ ୱାର୍ଡର ଲୋକସଂଖ୍ୟା ଦୁଇ ହଜାରରୁ ଅଧିକ ହେବ। ହେଲେ ସେଠାରେ ପାନୀୟ ଜଳ ସମସ୍ୟା ଲାଗି ରହୁଛି। ଏଥିପାଇଁ ଲୋକମାନେ ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ ଓ ଏନଏସି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରି ଅବ୍ୟବସ୍ଥା ଲାଗି ରହିଥିବାରୁ ବହୁ ମହିଳା ଓ ପୁରୁଷ ରଘୁନାଥ ସାହି ଛକରେ ହାଣ୍ଡି ମାଠିଆ ରଖିବା ସହ କାଠ ପଥର ପକାଇ ରାସ୍ତା ଅବରୋଧ କରିଥିଲେ। ଏସ୍‌ଆଇ କାର୍ତ୍ତିକ ନାୟକ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ମାନି ନ ଥିଲେ। ଏଠାରେ ଜନସ୍ୱାସ୍ଥ୍ୟ ବିଭାଗ ଥିଲେ ମଧ୍ୟ କୌଣସି ଯନ୍ତ୍ରୀଙ୍କ ଆନ୍ଦୋଳନ ସମୟରେ ଦେଖା ମିଳି ନଥିଲା। ୨ ମାସ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବା ସହ ଏହି ସମୟରେ ଉକ୍ତ ସାହିବାସୀଙ୍କୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେବ ବୋଲି ଏନ୍‌ଏସି ଅଧିକାରୀ ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ବାଘ ମୃତ୍ୟୁ ଘଟଣା, ଆଉ ୧ ଶାବକ ଜବତ

**ବୁଗୁଡ଼ା,୩।୨(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳର ବଡ଼ପଥର ନିକଟ କୁଣ୍ଡାଖାଇ ପାହାଡ଼ରେ ଗତ ଗୁରୁବାର ଏକ କଲରାପତିରିଆ ବାଘ ମୃତ୍ୟୁ ହୋଇଥିଲା। ବାର୍ହା ଶିକାର ଉଦ୍ଦେଶ୍ୟରେ ପକାଇଥିବା ଫାଶରେ ବାଘ ପଡ଼ିବା ଓ ତାକୁ ଶାବଳରେ ପିଟି ମାରିଥିବା ୭ ଶିକାରୀଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ବନ ବିଭାଗ ଶିକାରୀମାନଙ୍କଠାରୁ ଏକ ଶାବଳ, ଏକ କାତି ଓ ଫାଶ ସରଞ୍ଜାମ ଜବତ କରିଥିଲା। ବୁଧବାର ଏସିଏଫ ପ୍ରଭାକର ନାୟକ, ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ପ୍ରମୁଖ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ଉକ୍ତ କୁଣ୍ଡାଖାଇ ପାହାଡରେ ଚଢ଼ାଉ କରାଯାଇ ଏକ ଗଛ ତଳୁ ଆଉ ଏକ ଶଶବଳ ଜବତ କରାଯାଇଛି। ସୂଚନାଯୋଗ୍ୟ, ୭ ଶିକାରୀ କୁଣ୍ଡାଖାଇ ପାହାଡ଼ରେ ୩ଟି ଫାଶ ପକାଇ ଏକ ବାରହାକୁ ମାରି ମାଂସ ଭାଗବାଣ୍ଟି ନେବା ସହ ବାଘ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିଲେ। ଏନେଇ ବୁଗୁଡ଼ା ବନ ବିଭାଗ ନଂ ୫୧୧/୨୦–୨୧ରେ ଏକ ମାମଲା ରୁଜୁ ହୋଇଥିଲା।

# ରାସ୍ତାକଡ଼ରୁ ମୃତଦେହ ନେଇ ଦାହକଲେ ସରପଞ୍ଚ ଦମ୍ପତି

**ପାରଳାଖେମୁଣ୍ଡି,୩।୨(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଡାମୁଣିଗାଁ ନିକଟସ୍ଥ ଏକ ଗ୍ରାନାଇଟ୍ ଫ୍ୟାକ୍ଟ୍ରି ପାର୍ଶ୍ୱ ରାସ୍ତାରେ ସୋମବାର ସନ୍ଧ୍ୟାରେ ସେହି ଗ୍ରାମର ଶିରିପୁରମ୍ ତିରୁପତି ଅଚେତ୍ ଅବସ୍ଥାରେ ପଡି ରହିଥିଲେ। କେରାଣ୍ଡି ସରପଞ୍ଚ ରାଗିଡି ରାଣୀଙ୍କ ସ୍ୱାମୀ ରାଗିଡି ଦିବାକର ଜଣେ ସହେଯାଗୀଙ୍କ ସହ ଯାଉଥିବା ବେଳେ ଏହା ଦେଖିଥିଲେ। ଏନେଇ ପାରଳାଖେମୁଣ୍ଡି ପୋଲିସକୁ ସୂଚନା ଦେବାପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତିରୁପତିଙ୍କୁ ମୃତ ଘୋଷଣା କରିଥିଲେ। ଫିଟ୍ସରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଏନେଇ ତାଙ୍କ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ ମଧ୍ୟ କେହି ଆସି ନଥିଲେ। ଶେଷରେ ସରପଞ୍ଚ ରାଗିଡି ରାଣୀ ଓ ସ୍ୱାମୀ ଦିବାକର ନିଜର କେତେଜଣ ସହଯୋଗୀଙ୍କ ସହ ମହାପ୍ରୟାଣ ଗାଡିରେ ମୃତଦେହ ଡାମୁଣିଗାଁକୁ ନେଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ତିରୁପତିଙ୍କ ମୃତଦେହ ଦାହ କରାଯାଇଥିଲା। ସରପଞ୍ଚ ଦମ୍ପତିଙ୍କ ଏପରି ମହତକାର୍ଯ୍ୟକୁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

# ସମ୍ମାନିତ ହେଲେ ସଫେଇ କର୍ମଚାରୀ

**ଜି.ଉଦୟଗିରି,୩।୨(ଡି.ଏନ.ଏ.)**

## ବ୍ୟାଟେରି ଚାଳିତ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ି ଉଦ୍‌ଘାଟିତ

ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଯୋଜନାରେ ଜି.ଉଦୟଗିରି ଏନ୍‌ଏସି ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ଉପଜିଲାପାଳ ଡ.ଶୁଭଙ୍କର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଭାରପ୍ରାପ୍ତ ତହସିଲଦାର ଅବିନାଶ ମେହେର, ବିଡିଓ ବିଜୟ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କରୋନା ସମୟରେ ଜୀବନକୁ ବାଜି ଲଗାଇ ପରିବେଶକୁ ସ୍ୱଚ୍ଛ ରଖିଥିବା ସଫେଇ କର୍ମଚାରୀମାନଙ୍କୁ ଅତିଥିବୃନ୍ଦ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏଥିସହିତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଏନ୍‌ଏସିରେ ଦୁଇଟି ବ୍ୟାଟେରି ଚାଳିତ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ିକୁ ଉଦ୍‌ଘାଟନ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି ଗାଡି ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବ। କାର୍ଯ୍ୟକ୍ରମରେ ସତ୍ୟ ପ୍ରକାଶ ମହାପାତ୍ର, କମ୍ପନାଥ ପାଣି, ନରୋତ୍ତମ ସାହୁ, ନିରଞ୍ଜନ ସାହୁ, ଶିବସୁନ୍ଦର ଦାସ, ସୁରେନ ବିଷୋଇଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ି ଉଦ୍‌ଘାଟନ କରାଯାଉଛି।

## ତହସିଲଦାରଙ୍କ ବେଆଇନ ଇଟାଭାଟି ଚଢ଼ାଉ

**ପୁରୁଷୋତ୍ତମପୁର,୩।୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ ବୁଧବାର ବିଭିନ୍ନ ଗ୍ରାମରେ ଗଢି ଉଠିଥିବା ବେଆଇନ ଇଟାଭାଟି ଉପରେ ଚଢ଼ାଉ କରିଥିଲେ। ଏହିସମୟରେ ଖୋଳାଯାଇଥିବା ମାଟିର ପରିମାଣ, ପ୍ରସ୍ତୁତି କରାଯାଇଥିବା ଇଟାର ପରିମାଣ ଇତ୍ୟାଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ବେଆଇନ ଭାବେ ଇଟାଭାଟି କରିଥିବା ମାଲିକଙ୍କୁ ତାଗିଦ୍ କରି ଶୀଘ୍ର ରୟାଲିଟି ପୈଠ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏର୍ଣ୍ଣିଟି ପକ୍ଷରୁ ପ୍ରାୟ ୪୦ ଜଣ ଇଟାଭାଟି ମାଲିକଙ୍କ ବିରୋଧରେ ଜରିମାନା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବହୁ ମାଲିକ ଟଙ୍କା ପୈଠ କରି ନ ଥିବାରୁ ତୁରନ୍ତ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପୈଠ ଲାଗି ନିର୍ଦ୍ଦେଶ ଦେଇଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ତେରାବାଡ଼ି ବିଜୟୀ



ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଦାରିଙ୍ଗବାଡ଼ି,୩।୨(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲିଠାରେ ମଙ୍ଗଳବାର ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ହୋଇଯାଇଛି। ଏହାକୁ ତତ୍କାଳୀନ ଅତିରିକ୍ତ କମିଶନର (ବାଣିଜ୍ୟକର ଏବଂ ବସ୍ତୁ ଓ ସେବା କର) ଅମିରଚାନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଦାରିଙ୍ଗବାଡ଼ି ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆରସିଂ, ସିଆଙ୍ଗବାଲି ସରପଞ୍ଚ ଲେଙ୍କା ପ୍ରଧାନ, ପୂର୍ବତନ ସମିତିସଭ୍ୟ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଲେଙ୍କା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରିୟବ୍ରତ ପ୍ରଧାନ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଶ୍ରୀନିକେତା ପଞ୍ଚାୟତ ତେରାବାଡ଼ି ଓ ସିଆଙ୍ଗବାଲି ମଧ୍ୟରେ ଖେଳାଯାଇଥିଲା। ତେରାବାଡ଼ି ବିଜୟୀ ହୋଇଛି। ସିଆଙ୍ଗବାଲି ଯୁବକ ସଂଘ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଭାବେ କହିନ ପ୍ରଧାନ ରେଫରି ଦାୟିତ୍ୱ ତୁଲାଇଥିଲେ।

# ଇଟାଭାଟି ବନ୍ଦ ନିର୍ଦ୍ଦେଶ ଦେଲେ ଉପଜିଲାପାଳ

**ଶେରଗଡ,୩।୨(ଡି.ଏନ୍.ଏ.)**

## ରାଜସ୍ୱ ସମୀକ୍ଷା ବୈଠକ

ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ମଙ୍ଗଳବାର ଓ ବୁଧବାର ଦୁଇଦିନ ଶେରଗଡ ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟାଳରର ସମୀକ୍ଷା କରିଛନ୍ତି। ଶେରଗଡ ତହସିଲରେ ମଙ୍ଗଳବାର ଅନୁଷ୍ଠିତ ରାଜସ୍ୱ ସମୀକ୍ଷା ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅଧକ୍ଷତା କରିଥିଲେ। ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ୯ ସର୍କଲରେ ରାଜସ୍ୱ ଆଦାୟ ସମୀକ୍ଷା କରାଯାଇଥିଲା। ଗତବର୍ଷ ଠାରୁ ଚଳିତବର୍ଷ ଯେପରି ଅଧିକ ରାଜସ୍ୱ ଆଦାୟ ହେବ ସେଥିପ୍ରତି ସମସ୍ତ ରାଜସ୍ୱ ନୀରିକ୍ଷକ ଦୃଷ୍ଟି ଦେବାକୁ ଉପଜିଲାପାଳ ମିଞ୍ଜ ନିର୍ଦ୍ଦେଶ ଦେଇଥିଲେ। ଜମିଜମା ମାମଲା ତୁରନ୍ତ ଫଇସଲା, ଗାଁ ଗାଁ ବୁଲି ରାଜସ୍ୱ ଆଦାୟ ବୃଦ୍ଧି କରିବା, ଇଟାଭାଟି ଥିଲେ ତୁରନ୍ତ ବନ୍ଦ କରିବା, ପୁରୁଣା କେସ୍ ଫଇସଲା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଅତିରିକ୍ତି ତହସିଲଦାର ଏ ଦିଗରେ ତଦାରଖ କରିବାକୁ କହିଥିଲେ। ବୈଠକରେ ସୁପରଭାଇଜର ମନୋଜ କୁମାର ନାହାକ, ପି.ପଞ୍ଚମାଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ସେହିପରି ବୁଧବାର ଶେରଗଡ ଶିଶୁ ବିକାଶ ଯୋଜନା ଅଧିକାରୀ କାର୍ଯ୍ୟାଳୟ ପରିଦର୍ଶନ କରି ୧୯୨ ଅଙ୍ଗନୱାଡି କେନ୍ଦ୍ରର ସ୍ଥିତି ସମ୍ପର୍କରେ ସିଡିପିଓ ବିଜୟଲକ୍ଷ୍ମୀ ନିଶାଙ୍କଙ୍କୁ ପଚାରି ବୁଝିଥିଲେ। ପୁଷ୍ଟିକର ଖାଦ୍ୟ ଯୋଗାଣ ବ୍ୟବସ୍ଥାର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ କାର୍ଯ୍ୟାଳୟର ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ପାରଳା ବସ୍‌ଷ୍ଟାଣ୍ଡ

**ଗିରିଧାରୀ ପରିଚ୍ଛା**
**ପାରଳାଖେମୁଣ୍ଡି,୩।୨(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡ ଯଦିଓ ଜନସାଧାରଣଙ୍କ ଅସୁବିଧା ଦୂର କରିଛି ତଥାପି ଏଠାରେ ବହୁ ସମସ୍ୟା ରହିଛି। ଯାତ୍ରୀ ବିଶ୍ରାମାଗାର ନିକଟରେ କୁଢ କୁଢ ଆବର୍ଜନା, ଅପରିଷ୍କାର ଶୌଚାଳୟ ଓ ପାନୀୟ ଜଳ ସମସ୍ୟା ସମାଧାନ ଦିଗରେ ପୌର ପ୍ରଶାସନ ଚରମ ଅବହେଳା ପ୍ରଦର୍ଶନ କରୁଛି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବିଶ୍ରାମାଗାର ନିକଟରେ ଅଳିଆ ଗଦା ହୋଇ ରହୁଥିବାରୁ ପୂତିଗନ୍ଧମୟ ପରିବେଶରେ ଯାତ୍ରୀ ବସିବା ସମ୍ଭବ ହେଉନାହିଁ। ଫଳରେ ଯାତ୍ରୀମାନେ ବାହାରେ ବସ୍‌କୁ ଅପେକ୍ଷା କରୁଛନ୍ତି ବୋଲି ଘରୋଇ ବସ୍ ମାଲିକ ସଂଘର ସଭାପତି ନରସିଂହ ବାବୁ କହିଛନ୍ତି। ପାନୀୟ ଜଳ ପାଇଁ ବସା ଯାଇଥିବା ମେଶିନ୍ ଖରାପ ହୋଇଯାଇଥିବାବେଳେ ମରାମତି ପାଇଁ ଦୃଷ୍ଟି ଦିଆଯାଉନାହିଁ। ପ୍ରଥମ ବିଶ୍ରାମସ୍ଥଳୀ ନିକଟରେ ଯଦିଓ ଶୌଚାଳୟ ନିର୍ମାଣ ହୋଇଛି ତାହା ପ୍ରାୟତଃ ତାଲା ପଡି ରହୁଛି। ଆହାରକେନ୍ଦ୍ର ନିକଟରେ ଥିବା ଦୋକାନ ଗୃହ ଗୁଡିକ ବନ୍ଦ ରହିଥିବାରୁ ସେଠାରେ ଲୋକେ ପରିସ୍ରା କରୁଛନ୍ତି। ଦୋକାନ ଗୁଡିକ ରେଜିଷ୍ଟ୍ରିଭୁକ୍ତ ବ୍ୟବସାୟୀଙ୍କୁ ତୁରନ୍ତ ହସ୍ତାନ୍ତର କରିବାପାଇଁ ଦାବି ହେଉଛି। ଦ୍ୱିତୀୟ ବିଶ୍ରାମାଗାର ସମ୍ମୁଖରେ ଫେରନ୍ତା ବସ୍ ସବୁ ରହିବା ଫଳରେ ଏହାପଛରେ ଥିବା ଦୋକାନୀଙ୍କ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ଏଠାରେ ଭଙ୍ଗା ବସ୍‌ଗୁଡିକ ମଧ୍ୟ ବର୍ଷ ବର୍ଷ ଧରି ପଡି ରହୁଛି। ପୌର ପ୍ରଶାସନ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ନରସିଂହ ଦାବି କରିଛନ୍ତି।




ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡ।

- ବିଶ୍ରାମାଗାର ନିକଟରେ ଆବର୍ଜନା
- ଖୋଲାରେ ଚାଲିଛି ଶୌଚ

